### ଜୟପୁର ମଣ୍ଡଳ ଡାକବିଭାଗ ଅଧୀନରେ ଦୁର୍ନୀତି

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧୦ କୋଟି ଟଙ୍କା ହଡ଼ପ !

ଜୟପୁର,୨୪।୫(ସମିସ) :



କୋରାପୁଟ ଜିଲ୍ଲା ଜୟପୁର ଡାକ ମଣ୍ଡଳ କାର୍ଯ୍ୟାଳୟ ଅଧିନରେ ରହିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଉପ ଡାକଘର ଗୁଡିକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଏନଆରଇଜିଏସ) ଏବଂ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ଯୋଜନାର ପ୍ରାୟ ୫୦ କୋଟି ଟଙ୍କା ବିଭିନ୍ନ ଉପାୟରେ ଜାଲିଆତି କରାଯାଇ ଡାକଘରର କର୍ମଚାରୀ ଏବଂ ଦଲାଲ ମାନେ ଲୁଟି ନେଇଥିବା ନେଇ ବିଜେଡି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ତେଣୁ ଏହି ଦୁର୍ନିତୀର ବିଧିବଦ୍ଧ ନିରପକ୍ଷ ସିବିଆଇ ଦ୍ୱାରା ଯାଞ୍ଚ ଏବଂ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। ଏଥିନେଇ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠନା ନ ହେଲେ ଅନ୍ୟଥା ଆଗାମୀ ଦିନରେ ବିଜୁ ଜନତା ଦଳ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ସାରା ରାଜ୍ୟ ଏକ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜି ଜୟପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବେଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ପୂର୍ବତନ ଲୋକସଭା ସାଂସଦ ପ୍ରଦୀପ ମାଝି ମିଳିତ ଭାବେ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବା ସହିତ ଅବିଭକ୍ତ କୋରାପୁଟ ଜିଲ୍ଲା ଏକ ଅନୁନ୍ନତ ଓ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ଯୋଗୁଁ ଏଠିକାର ବାସିନ୍ଦାଙ୍କ ନିରୀହତା ଓ ସରଳତାର ସୁଯୋଗ ନିଆଯାଇ ଏମଏନଆରଇଜିଏସ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ବାବଦକୁ ଡିବିଟି ଅନଲାଇନ ମାଧ୍ୟମରେ ଡାକଘର ହିତାଧିକାରୀଙ୍କ ଜମାଖାତାକୁ ଆସିଥିବା ଟଙ୍କା ଉପଡାକଘରର କିଛି ଅସାଧୁ କର୍ମଚାରୀ ଏବଂ ଦଲାଲ ମାନେ ବିଭିନ୍ନ ଅସତ ଉପାୟରେ ଉକ୍ତ ଟଙ୍କାକୁ ନିଜର ଏବଂ ଅନ୍ୟ କିଛି ଲୋକଙ୍କ ଜମାଖାତାକୁ ଟ୍ରାନ୍ସଫର କରାଯାଇ ଉକ୍ତ ଟଙ୍କାକୁ ହଡପ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହା ପଛରେ ଏକ ବଡ ଧରଣର ରାକେଟ କାର୍ଯ୍ୟ କରୁଥିବା ନେଇ ସନ୍ଦେହ ପ୍ରକୋଟ କରାଯାଇଛି। ଏଥିନେଇ ଜୟପୁର ବିଭାଗୀୟ ବରିଷ୍ଠ ଅଧିକ୍ଷକ, ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପୋଷ୍ଟ ମାଷ୍ଟର ଜେନେରାଲ ଏବଂ ଦିଲ୍ଲୀ ପୋଷ୍ଟ ମାଷ୍ଟର ଜେନେରାଙ୍କୁ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଏଥିନେଇ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରାଳୟର ଅଧିନରେ ରହିଥିବା ଡାକ ବିଭାଗର ଏକ ବଡ ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଫୌଜଦାରୀ ମାମଲା ରୁଜୁ କରାଯିବ ଏବଂ ହାଇକୋର୍ଟ ଓ ସୁପ୍ରିମକୋର୍ଟ ନିକଟରେ ନ୍ୟାୟ ପାଇଁ ପୀଡିତ ସାଧାରଣ ଲୋକ ଓ ବିଜେଡି ଦଳ ଦ୍ୱାରସ୍ଥ ହେବେ ବୋଲି ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ଡାକ ମଣ୍ଡଳ ଅଧିନରେ ରହିଥିବା କେବଳ ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଡାବୁଗାଁ ଓ କୋଡ଼ିଗାଁ ଉପ ଡାକଘର ତଥ୍ୟ ବାହାର କରାଯାଇ ଉପସ୍ଥାପନ କରାଯାଇ ଦୁର୍ନୀତି ହୋଇଥିବା ନେଇ ସ୍ପଷ୍ଟ କରାଯାଇଛି। ଗତ ୨୦୨୨ ଠାରୁ ୨୦୨୬ ମସିହା ମଧ୍ୟରେ ମୁଖ୍ୟତଃ ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ୨୫ ହଜାର ବିଭିନ୍ନ ସରାକାରୀ ଯୋଜନାରେ ମଜୁରୀ ଏବଂ ଅନ୍ୟାନ୍ୟ ଯୋଜନାର ଟଙ୍କା ଆସୁଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ସ୍ୱାକ୍ଷର କରିପାରୁନଥିବା କେବଳ ଆଙ୍ଗୁଠି ଟିପଚିହ୍ନ ଦେଉଥିବା ୫ ହଜାର ଜଣ ହିତାଧିକାରୀ ଏହି ଠକେଇର ଶୀକାର ହୋଇଛନ୍ତି। ଜୟପୁର ମୁଖ୍ୟ ଡାକଘର ଅଧିନରେ ରହିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଉପ ଡାକଘରର ବିଭିନ୍ନ ଜମାଖାତା ଏବଂ ଅନ୍ୟାନ୍ୟ ଯୋଜନାରେ ବାର୍ଷିକ ପ୍ରାୟ ୩୦୦ କୋଟି ଟଙ୍କାର କାରବାର ହେଉଥିବା ବେଳେ ଦେଶର ୧୭୧ ବର୍ଷ ପୁରାତନ ଏହି ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ରହିଛି। ଏହିପରି ପ୍ରକୃତ ହିତାଧିକାରୀଙ୍କ ଜମାଖାତାକୁ ଚଞ୍ଚକତା କରାଯାଇ ପ୍ରଥମ ପୃଷ୍ଠା ପରିବର୍ତ୍ତନ କରାଯାଇ ଫୋଟ ଏବଂ ଆଙ୍ଗୁଠି ଟିପଚିହ୍ନର ପରିବର୍ତ୍ତନ କରାଯାଇଛି। ଏବିପରି କେୱାଇସିର ମଧ୍ୟ ଅପ୍-ଟୁ-ଡେଟ କରାଯାଇଛି। ଟିପ ଚିହ୍ନଧାରୀଙ୍କ ପରିଚୟ ପାଇଁ ଜଣେ ସାକ୍ଷ୍ୟଙ୍କୁ ରଖାଯାଇ ଏହିପରି ଟଙ୍କା ଅନ୍ୟ ଜମାକାରୀଙ୍କ ଖାତାକୁ ଟ୍ରାନ୍ସଫର କରାଯାଇ ଟଙ୍କା ଉଠାଣ କରାଯାଇଛି। କେବଳ କୋଡିଆଗାଁ ଉପଡାକଘରରର ୧୧ ଜଣ ହିତାଧିରାରୀଙ୍କ ଟଙ୍କାକୁ ବେଆଇନ ଭାବେ ଉକ୍ତ ଉପଡାକଘରର ଦାୟୀତ୍ୱ ରହିଥିବା ପୋଷ୍ଟ ମାଷ୍ଟର ବିମଳ କୁମାର ଦାସଙ୍କ ଜମାଖାତାକୁ ଟ୍ରାନ୍ସଫର କରାଯାଇଛି। ଏହିପରି ଝରିଗାଁ ଉପ ଡାକଘରର ପୋଷ୍ଟମାଷ୍ଟର ୭ ଲକ୍ଷ ୨୭ ହଜାର ଟଙ୍କା ବେଆଇନ ଭାବେ ଉଠାଣ କରିଥିବା ନେଇ ସ୍ୱୀକାର କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପୂର୍ବତନ ସାଂସଦ ଶ୍ରୀ ମାଝି ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ଡାକଘର ଜମାଖାତାରେ ସରକାରଙ୍କ ବିଭିନ୍ନ ଯୋଜନାରେ ନିରୀହ ଓ ସରଳ ବାସିନ୍ଦା ତଥା ଠକେଇର ଶୀକାର ହୋଇଥିବ ହିତାଧିକାରୀଙ୍କ ଟଙ୍କା ଗୁଡିକ ତୁରନ୍ତ ଫେରସ୍ତ କରାଯାଇ ତଦନ୍ତ ସହିତ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅନ୍ୟଥା ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଉପ, ମୁଖ୍ୟ ଡାକଘର ସମେତ, ଭୁବନେଶ୍ୱର ଏବଂ ଦିଲ୍ଲୀ ବିଭାଗର ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ରାଜ୍ୟ ଯୁବ ବିଜେଡିର ଉପସଭାପତି ଅରୁଣ ମିଶ୍ର, ବରିଷ୍ଠ ବିଜେଡି ନେତା ସରୋଜ ପାତ୍ର ଏବଂ ଧର୍ମେନ୍ଦ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସିବିଆଇ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

> ➤ ସିବିଆଇ ତଦନ୍ତ ଦାବି,
> ➤ ଆନ୍ଦୋଳନ ଚେତାବନୀ ଦେଲା ବିଜେଡି

---

● ରାତି ଅଧରେ ଜିଲ୍ଲାପାଳଙ୍କ ଚଢ଼ଉ

## ବାଲି ବୋଝେଇ ଟିପ୍ପର, ଜେସିବି ଜବତ



କୋଷାଗୁମୁଡ଼ା,୨୪।୫(ସମିସ): ବାଲି ଚୋରା ଚାଲାଣକୁ ରୋକିବା ପାଇଁ ଦୁରାଗାଁ ବାଲିଘାଟ ଉପରେ ରାତି ଅଧରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ମାଇନିଂ ଅଧିକାରୀ, ତହସିଲଦାର ତୁଳା ମୁଦୁଲି, ଏଡିଏମଓ, ଥାନାଧିକାରୀ ଦୀପକ ଜେନାଙ୍କ ମିଳିତ ଚଢ଼ଉରେ ଟିପ୍ପର ସହ ଜେସିବିକୁ ଜବତ କରାଯାଇଛି। କୋଡ଼ିଙ୍ଗା ଥାନାରେ ରଖିଲେ ୬ଟି ବାଲି ବୋଝେଇ ଗାଡି। କୋଷାଗୁମୁଡ଼ା ବ୍ଲକର ବିଏମ୍ ସେମେଳା ପଞ୍ଚାୟତର ଦୁରାଗାଁ ବାଲି ଘାଟ ଉପରେ ଜିଲ୍ଲାପାଳଙ୍କ ଚଢ଼ଉ। ସରକାରଙ୍କ ଗାଇଡ଼ ଲାଇନ୍‌କୁ ଅମାନ୍ୟ କରୁଥିବା ଅଭିଯୋଗକୁ ନେଇ ଜିଲ୍ଲାପାଳ ଚଢ଼ଉ କରିଛନ୍ତି। ଜିଲ୍ଲାରେ ପ୍ରଥମ ଥର ରାତି ଅଧରେ ଜିଲ୍ଲାପାଳ ବାଲିଘାଟରେ ପହଞ୍ଚି ଜବତ କଲେ। ବେଆଇନ ଗଛିତ ବାଲି ଓ ବାଲି ବୋଝେଇ ଗାଡି, ଟିପର, ଜେସିପି ଜବତ।

## ଫଳ ବଗିଚା ଉତ୍ସର୍ଗ କଲେ ଚାଷୀ



ଚନ୍ଦ୍ରପୁର୨୪।୫(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଟୁରିଗୁଡା ଗ୍ରାମ ଞ୍ଚାୟତର ଡେଲାପଡ଼ା ଗ୍ରାମ ନିବାସୀ ବଦାନ୍ୟ ଚାଷୀ ଜଗନ୍ନାଥ ସାହୁ ଏବଂ ତାଙ୍କ ପତ୍ନୀ ସୁନାମଣି ସାହୁ । ତାଙ୍କର ୨ ଏକରରୁ ଅଧିକ ଜମିରେ ରୋପଣ କରିଥିବା ପ୍ରାୟ ୬୦ ଫଳନ୍ତି ଆମ୍ବ ଗଛର ଫଳକୁ ସର୍ବ ସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ଶ୍ରୀ ସାହୁ ଜଣେ ଆଧାତ୍ମିକବାଦି ଏବଂ ପରୋଉପକାରୀ ବ୍ୟକ୍ତି ଭାବେ ଅନ୍ୟ ମାନଙ୍କୁ ମଧ୍ୟ ବୃକ୍ଷ ରୋପଣ କରିବାକୁ ଉତ୍ସାହ ପ୍ରଦାନ କରୁଛନ୍ତି। ଶ୍ରୀ ସାହୁ ସମସ୍ତେ ଫଳ ପାଆନ୍ତୁ ବୋଲି ଆଶା ନେଇ ଏହି ସାମାଜିକ କାମ କରିଥିବା କୁହାଯାଉଛି।

---

● ୮ ପରିବାର ବାସନ୍ଦ ଅଭିଯୋଗ ଘଟଣା

## କୁଟୁରାଗଡ଼ ଗ୍ରାମରେ ପହଞ୍ଚିଲା ପୁଲିସ ଟିମ୍



ମୁନିଗୁଡା,୨୪।୫(ସମିସ): ମୁନିଗୁଡା ଥାନା ଅନ୍ତର୍ଗତ କୁଟୁରାଗଡ ଗ୍ରାମରେ ୮ ପରିବାରଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଘଟଣାର ତଦନ୍ତ ପାଇଁ ମୁନିଗୁଡା ପୁଲିସ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲା। ପୁଲିସ ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ସହିତ ଗ୍ରାମବାସୀ ଓ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଥିଲା। ତଦନ୍ତ ସମୟରେ ଅଭିଯୋଗକାରୀ ନିଜେ ଗ୍ରାମବାସୀ ତାଙ୍କୁ ପାନୀୟ ଜଳ ବ୍ୟବହାର କିମ୍ବା ମଶାଣିରେ ଶବଦାହ କରିବାରୁ ବାରଣ କରି ନଥିବା ସ୍ୱୀକାର କରିଥିବା ସୂଚନା ମିଳିଛି। କେବଳ ନିଜ ସମ୍ପର୍କୀୟଙ୍କ ଶବଦାହ ସମୟରେ କାଠ ଦେବାକୁ ବାରଣ କରାଯାଇଥିବା ସହ ୮ ପରିବାର ସହ କିଛି ଗ୍ରାମବାସୀ କଥାବାର୍ତ୍ତା ବନ୍ଦ ରଖିଥିବା କଥା ସେ କହିଥିଲେ। ଏହା ସହ ସମ୍ପୂର୍ଣ୍ଣ ସାମାଜିକ ବାସନ୍ଦ କରାଯାଇନଥିବା କଥା ମଧ୍ୟ ସେ ସ୍ୱୀକାର କରିଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଆମ୍ବ ଗଛ କାଟିବା ଘଟଣା ଓ ଦୀପାବଳୀ ବୈଠକରେ ବିଳମ୍ବରେ ପହଞ୍ଚିବାକୁ କେନ୍ଦ୍ର କରି କିଛି ଭୁଲ ବୁଝାବୁଝି ହୋଇଥିଲା। ପରେ ଏହି ଘଟଣାକୁ ସାମାଜିକ ବାସନ୍ଦ ରୂପ ଦିଆଯାଇଥିବା ସେମାନେ କହିଥିଲେ। ପୋଲିସ ପକ୍ଷରୁ ଗ୍ରାମରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିବାବେଳେ କୌଣସି ପ୍ରକାର ଅପପ୍ରଚାର ନ କରିବାକୁ ସଚେତନ କରାଯାଇଛି। ତଦନ୍ତ ସମୟରେ କୁଟୁରାଗଡ ଗ୍ରାମର ଗାଁ ମୁଖିଆ, ଗ୍ରାମବାସୀ ଓ ଅଭିଯୋଗ ଆଣିଥିବା ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଘଟଣା ପରେ ଗ୍ରାମର ପରିସ୍ଥିତି ଶାନ୍ତ ଥିବା ଜଣାପଡ଼ିଛି। ଘଟଣା ବିଷୟରେ ପୁଲିସ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଟ୍ରାଫିକ୍ ଛକରେ ତମ୍ବୁ ବ୍ୟବସ୍ଥା



ସେମିଳିଗୁଡ଼ା,୨୪।୫(ସମିସ):

କୋରାପୁଟ ଜିଲ୍ଲାରେ ସେମିଳିଗୁଡା ଅଞ୍ଚଳରେ ପ୍ରଚଣ୍ଡ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେମିଳିଗୁଡ଼ା ସହରର ପାରଦ ୩୮ ଡିଗ୍ରୀ ପାର କରିଛି। ଯାହାକି ଚଳିତ ବର୍ଷର ସର୍ବାଧିକ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ବଢୁଛି, ଲୋକ ଘରୁ ବାହାରିବାକୁ ଡରୁଛନ୍ତି। ଦିନ ୧୧ଟା ପରେ ସ୍ଥାନୀୟ ମୁଖ୍ୟ ବଜାର, ବସଷ୍ଟାଣ୍ଡ ଓ ହାଟ ପ୍ରାୟ ଫାଙ୍କା ରହୁଛି। ପ୍ରବଳ ଗରମ ଯୋଗୁଁ, ସୁନାବେଡା ପୌର ପରିଷଦ ଦ୍ୱାରା ସେମିଳିଗୁଡା ସହରର ଟ୍ରାଫିକ ଛକରେ ଗାଡ଼ି ଚାଳକଙ୍କ ପାଇଁ ତିନି ଜାଗାରେ ତମ୍ବୁ ବ୍ୟବସ୍ଥା କରିଛି।

---

## ପ୍ରଚଣ୍ଡ ଖରାରେ ହନ୍ତସନ୍ତ କୋଷାଗୁମୁଡ଼ା ଜନ ଜୀବନ

କୋଷାଗୁମୁଡ଼ା,୨୪।୫(ସମିସ): ରାଜ୍ୟରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହି ତାତିରୁ କୋଷାଗୁମୁଡ଼ା ମଧ୍ୟ ଆଉଟୁ ପାଉଟୁ ହେଉଛି। କେବଳ ଦିନରେ ନୁହେଁ, ରାତିରେ ମଧ୍ୟ ତାତିର ତାଉ ଜାରି ରହିଛି। ଫଳରେ ଲୋକେ ଗରମ ଗୁଳୁଗୁଳିରେ ଦିନ ରାତି କଲବଲ ହେଉଛନ୍ତି। ଶୁକ୍ରବାର କୋଷାଗୁମୁଡ଼ାରେ ପ୍ରବଳ ତାତି ଅନୁଭୂତ ହୋଇଥିବା ବେଳେ ସହରରେ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିଛି। ଧନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିବା ବେଳେ ସ୍ଥାନୀୟ କୋଷାଗୁମୁଡ଼ାର ଦୁଇ ଜୀବନ ରେଖା ଭାସ୍କେଲ ନଦୀ ଓ ଇନ୍ଦ୍ରାବତୀ ନଦୀରେ ପାଣି ଦେଖାଯାଉନି। ଦୁଇ ନଦୀ ମଧ୍ୟରୁ ଭାସ୍କେଲରେ କେବଳ ବାଲି ଓ ପଥର ହିଁ ରହିଛି। ଉପକୂଳ ବର୍ତୀ ଚାଷୀ ବର୍ତ୍ତମାନ ମୁଣ୍ଡରେ ହାତ ଦେଉଥିବା ବେଳେ ବୋର୍ଡେଲର ଜଳ ଜମି ପାଇଁ କିଛିଟା ପୂରଣ କରୁଥିବା ବେଳେ ବିଦ୍ୟୁତ କାଟ ଲାଗି ସବୁ ଠପ। ବର୍ତ୍ତମାନ ଏତେ ବଡ଼ ଗ୍ରୀଷ୍ମପ୍ରବାହରେ ଅଞ୍ଚଳରେ ଜଳଛତ୍ରର ଦେଖାନାହିଁ। ପୋଖରୀ,କୂଅ, ସରାଳୋ ପାଣି ଶୁଖିକି ମାଟି ଆଃ କରିଥିବା ନଜରକୁ ଆସୁଛି। ଦିନ ବେଳେ ଲୋକ ଶୂନ୍ୟ ହେଉଛି ବଜାର, ବ୍ୟାଙ୍କ, ଏବଂ ଅନୁଷ୍ଠାନ ଗୁଡ଼ିକ। ଅଞ୍ଚଳର ଗ୍ରାମ୍ୟ ଜଙ୍ଗଲ ମଧ୍ୟରୁ ଜାଳେଣି ପାଇଁ ଶହ ଶହ ଗଛ କାଟିବା ଯୋଗୁଁ ଉତ୍ତପ୍ତ ବେଢ଼ିବାରେ ଲାଗିଛି। ଗାଈ ଗୋରୁ, ଛେଳି, ମେଣ୍ଢାଙ୍କୁ ବାହାରେ ଚୋରାଇବା ପାଇଁ ମଧ୍ୟ ଗୌଡ଼ ନେବାକୁ ନାରାଜ। ଚଳିତ ବର୍ଷ ବିଗତ କିଛି ବର୍ଷ ମଧ୍ୟରୁ ଅଧିକ ଗରମ ବଢିଛି ବୋଲି ସ୍ଥାନୀୟ ସିଡବ୍ଲୁସି କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ବିଷମକଟକ ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ



ବିଷମ କଟକ,୨୪।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ପାଇଁ ରାସ୍ତାଘାଟ ଖାଁ ଖାଁ ଦେଖାଯାଉଛି। ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଚଳିତ ବର୍ଷର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦେଖା ଦେଇଛି। ଗତ ଦୁଇ ସପ୍ତାହ ହେଲା ଆକାଶରେ ଅଗ୍ନି ବର୍ଷା ଦେଖାଦେଇଛି। ସକାଳ ୯ଟା ହେଲେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରୁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ବିଷମ କଟକ ସହର ଏବେ ତତଲା କଡ଼େଇରେ ଭାଜି ହେଉଛି। ଘରୁ ଗୋଡ଼ କାଢ଼ିଲେ ଦେହ ଜଳିଯାଉଛି, ଆଉ ଘର ଭିତରେ ରହିଲେ ଅସ୍ତବ୍ୟସ୍ତ କରୁଛି ଅସହ୍ୟ ଗୁଳୁଗୁଳି। ଝାଞ୍ଜି ପବନ ସାଙ୍ଗକୁ ଏହି ସାଂଘାତିକ ଗ୍ରୀଷ୍ମ ପ୍ରବାହ ଅଞ୍ଚଳବାସୀଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ତାତିର ପ୍ରକୋପରେ କଲବଲ ହେଉଛନ୍ତି। ହେଲେ ପ୍ରକୃତିର ପ୍ରକୋପ ଯେମିତି କମିବାର ନାଁ ନେଉନି। ସକାଳ ୯ଟା ବେଳକୁ ଗ୍ରୀଷ୍ମର ପ୍ରଭାବ ଏତେ ମାତ୍ରାରେ ଆରମ୍ଭ ହେଇଯାଉଛି ଯେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଏଭଳି ଗ୍ରୀଷ୍ମ ପ୍ରଭାବରେ ସକାଳ ୯ଟାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାଘାଟ ଖାଁ ଖାଁ ହୋଇପଡୁଛି। ଏତେ ମାତ୍ରାରେ ଖରାର ପ୍ରକୋପ ଯେ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବ ବଢିବାରେ ଲାଗିଥିବା କାରଣରୁ ଲୋକେ ଅଂଶୁଘାତର ଶିକାର ହେବା ସମ୍ଭାବନା ବେଶ ରହିଛି। ଏଭଳି ସ୍ଥିତିରେ ଜରୁରୀ କାର୍ଯ୍ୟ ନଥିଲେ ଲୋକେ ଘରୁ ନ ବାରିବାକୁ କୁହାଯାଇଛି। ବର୍ତ୍ତମାନ ଏଭଳି ପରିସ୍ଥିତିରେ ଲୋକେ ମଟରସାଇକେଲ ଚଲାଇବା ପାଇଁ ମଧ୍ୟ ଭୟ କରୁଛନ୍ତି। ଦିନକୁ ଦିନ ପଡୁଚାଷ ପାଇଁ ପ୍ରବଳ ମାତ୍ରାରେ ଜଙ୍ଗଲ ଧ୍ୱଂସ ଏବଂ ବେଆଇନ ଇଟା ଭାଟି ଗଢି ଉଠୁଥିବାରୁ ତାପମାତ୍ରା ବଢିବାର ମୁଖ୍ୟ କାରଣ ପାଲଟିଛି ।ଅନ୍ୟପଟେ ଆଗକୁ ଆହୁରି ଅଧିକ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ ଆକଳନ କରିଥିବାରୁ ଏବେଠାରୁ ଲୋକେ ଭୟବିତ ହେଲେଣି। ନିହାତି ଜରୁରୀ କାମ ନଥିଲେ ଲୋକ କେହି ଘରୁ ବାହାରିବାକୁ ସାହାସ କରି ପାରୁନାହାନ୍ତି। ଦିନ ୧୦ଟା ବେଳକୁ ରାସ୍ତାଘାଟ ଶୂନଶାନ ହୋଇ ପଡୁଛି ।ସହରରେ କୌଣସି ଆଶ୍ରୟ ସ୍ଥଳୀ ନଥିବାରୁ ତାତି ରେ ଆଉଟୁପାଉଟୁ ହେବା ସହ ବିଭିନ୍ନ ଦୋକାନ ଓ ଗଛ ତଳେ ଆଶ୍ରୟ ନେଉଛନ୍ତି।

> ୪୨ ଡିଗ୍ରୀ ଛୁଇଁଲା ପାରଦ

---

### ସେଞ୍ଚୁରିଅନ-କୌଶଳ ସାଥୀ କାର୍ଯ୍ୟକ୍ରମରେ ପ୍ରତିଭାମାନେ ସମ୍ମାନିତ

# ‘କୌଶଳଭିତ୍ତିକ ଶିକ୍ଷା ଯୁବପିଢ଼ିକୁ ଆତ୍ମନିର୍ଭରଶୀଳ କରିପାରିବ’

ରାୟଗଡ,୨୪।୫ (ସମିସ):






ସିକ୍ୟୁ ଏଜୁକେଶନାଲ ଫାଉଣ୍ଡେସନ ସହ ଅନୁବନ୍ଧିତ ସେଞ୍ଚୁରୀଆନ ୟୁନିଭର୍ସିଟିର ଯୁଗ୍ମ ଉଦ୍ୟମରେ “ସେଞ୍ଚୁରିଅନ-କୌଶଳ ସାଥୀ’ ଶୀର୍ଷକ ଏକ ଭବ୍ୟ ସମ୍ମାନ ଓ ସ୍ୱୀକୃତି ସମାରୋହ ରାୟଗଡ ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଓଏଭି ବିଦ୍ୟାଳୟ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ଶ୍ରେଷ୍ଠ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେଥିସହ ଶ୍ରେଷ୍ଠ ଶିକ୍ଷକ, ଶ୍ରେଷ୍ଠ ପ୍ରଧାନଶିକ୍ଷକ, ସାମାଜିକ କର୍ମୀ, ଉଦୀୟମାନ ଉଦ୍ୟୋଗୀ ଓ ବର୍ଷର ଶ୍ରେଷ୍ଠ ଶିକ୍ଷାବିଦଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ଥାନୀୟ ମ୍ୟୁଜିକ ଗାଲାକ୍ସିର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ପରିବେଷଣ ସହ ସମସ୍ତ ଅତିଥି ମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେଞ୍ଚୁରୀଆନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ) ରାୟଗଡର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରଖ୍ୟାତ ଶିକ୍ଷାବିତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ଜୟପୁର ମୁଦ୍ରଣ ସଂସ୍କରଣ ଦୈନିକ ଓଡ଼ିଆ ଖବର କାଗଜ “ସକାଳ “ ମୁଖ୍ୟ ତଥା ସିକ୍ୟୁ ଏଜୁକେଶନାଲ ଫାଉଣ୍ଡେସନ ପରିଚାଳକ ରାକେଶ କୁମାର ପାଢ଼ୀ, ବରିଷ୍ଠ ସାମ୍ବାଦିକ ରବି ପ୍ରଧାନ, ସିୟୁଟିଏମ ଇଞ୍ଜିନିଅରିଂ ବିଭାଗ ଡିନ ଡ଼. ପ୍ରଫୁଲ୍ଲ ପଣ୍ଡା, କୃଷି ବିଭାଗ ଡିନ ଡ଼ ସତ୍ୟପ୍ରକାଶ ନନ୍ଦ, ମତ୍ସ୍ୟ ବିଭାଗ ଡିନ ଡ଼ ସମ୍ବିଦ ସ୍ୱାଇଁ, ପ୍ରଶାସନିକ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ପାଢ଼ୀ, ଏଡମିଶନ ହେଡ଼ ସନ୍ଦୀପନ ପାଇନେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିକ୍ୟୁ ଫାଉଣ୍ଡେସନର ପ୍ରବନ୍ଧ ନିର୍ଦ୍ଦେଶକ ତଥା ମଡେରେଟର ରାକେଶ ପାଢ଼ୀ ଆଇ ଟୁ ଇ (ଇନଷ୍ଟିଚ୍ୟୁଟ ଟୁ ଏଣ୍ଟ୍ରେପ୍ରେନୁୟାରସିପ) କନକ୍ଲେବ କାର୍ଯ୍ୟକ୍ରମ ବିଷୟରେ ପରିଚୟ ପ୍ରଦାନ କରି କହିଥିଲେ ଯେ, ସମାଜରେ ଥିବା ପ୍ରତିଭାମାନଙ୍କୁ ଖୋଜି ସମ୍ମାନିତ କରିବା ଓ ସେମାନଙ୍କୁ ଆଗକୁ ଆଣିବା ହେଉଛି ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ। ତାଙ୍କ ଅଧ୍ୟକ୍ଷତାରେ କୌଶଳ, ଉଦ୍ୟୋଗୀତା ଓ ଶିକ୍ଷାକୁ ନେଇ ଏକ ଖୋଲା ଆଲୋଚନା ସଭା ମଧ୍ୟ ସଫଳତାର ସହ ଆୟୋଜିତ ହୋଇଥିଲା। ସିୟୁଟିଏମ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ କହିଥିଲେ ଯେ, ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଅଧିକ ସୁଯୋଗ ଦେବା ହିଁ କୌଶଳ ସାଥୀର ପ୍ରମୁଖ ଲକ୍ଷ୍ୟ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଶିକ୍ଷା ସହ କୌଶଳ ଓ ଉଦ୍ୟୋଗୀତା ଯୁବସମାଜକୁ ସଫଳତାର ଶିଖରକୁ ନେଇଯିବ। ସେ ଛାତ୍ରଛାତ୍ରୀଙ୍କୁ ନୂତନ ଚିନ୍ତାଧାରା ଓ ଆନବିଶ୍ୱାସ ସହ ଆଗେଇବାକୁ ପ୍ରେରିତ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଆଜିର ଯୁଗରେ କେବଳ ପାଠ୍ୟଶିକ୍ଷା ପର୍ଯ୍ୟାପ୍ତ ନୁହେଁ, ବରଂ କୌଶଳ ଭିତ୍ତିକ ଶିକ୍ଷା ଯୁବପିଢ଼ିକୁ ଆତ୍ମନିର୍ଭରଶୀଳ କରିପାରିବ ଏବଂ ଯୁବମାନେ ଦକ୍ଷତା ଓ ନବଚିନ୍ତନକୁ ଆଧାର କରି ନିଜ ଭବିଷ୍ୟତ ଗଢ଼ିବା ଉଚିତ ବୋଲି ସମ୍ମାନିତ ଅତିଥି ଉପଜିଲ୍ଲାପାଳ ଶ୍ରୀ ଜେନା କହିଥିଲେ । ସେଞ୍ଚୁରିଅନ ୟୁନିଭର୍ସିଟିର ଡିନ୍ ଡ. ସମ୍ବିତ ସ୍ୱାଇଁ କହିଥିଲେ ଯେ, କୌଶଳ ଭିତ୍ତିକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନେ ଚାକିରି ସହ ନିଜେ ଉଦ୍ୟୋଗୀ ହୋଇପାରିବେ। ଡିନ୍ ଡ. ପ୍ରଫୁଲ୍ଲ ପଣ୍ଡା କହିଥିଲେ ଯେ, ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମନୋବଳ ଓ ଦକ୍ଷତାର ବିକାଶ। ପ୍ରଖ୍ୟାତ ଶିକ୍ଷାବିଦ୍ ଡ. ଦୁଷ୍ମନ୍ତ ମହାନ୍ତି କହିଥିଲେ ଯେ, ଶିକ୍ଷାକୁ ଯଦି କୌଶଳ ଓ ସାମାଜିକ ଦାୟିତ୍ୱ ସହ ଯୋଡ଼ାଯାଏ, ତେବେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ। କାର୍ଯ୍ୟକ୍ରମରେ ୮ଟି ଗ୍ରାମୀଣ ବିଦ୍ୟାଳୟକୁ ରୁରାଲ କଣ୍ଟ୍ରିବ୍ୟୁଟର ବର୍ଗରେ ସମ୍ମାନିତ କରାଯାଇଥିଲା। ମଧ୍ୟଭାଗରେ ଡଃ ରାଜେଶ କୁମାର ପାଢ଼ୀ ଓ ଓଲିଉଡ଼ର ପ୍ରଖ୍ୟାତ ଗାୟିକା ଅସୀମା ପଣ୍ଡାଙ୍କ “ଜୟ ଜଗନ୍ନାଥ ହରେ” ନାମକ ଏକ ଆଧାତ୍ମିକ ଅଡିଓ ଆଲବମ୍‌ର ଉନ୍ମୋଚନ ହୋଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କ ମନକୁ ଭାବବିହ୍ୱଳ କରିଥିଲା। ପୂର୍ଣ୍ଣମାତ୍ରାରେ ଉପସ୍ଥିତ ମାତାପିତା, ଅଭିଭାବକ, ଛାତ୍ରଛାତ୍ରୀ , ଶିକ୍ଷକଶିକ୍ଷିକା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଧ୍ୟରେ ଆୟୋଜିତ ଏହି ସମାରୋହରେ ବହୁ ସଂଖ୍ୟକ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ନର୍ସିଙ୍ଗ ପ୍ରିନସିପାଲ ଡ. ଉର୍ମିଳା କାଟରୁ ଧନ୍ୟବାଦ ଜଣେଇ ସଭାର ପରିସମାପ୍ତି ଘୋଷଣା କରିଥିଲେ।

